ରୋଗରେ ପଶୁଟି ହଠାତ୍ ଚରିବୁଲି ଆସି ପଡି ଛଟପଟ ହୋଇ ମରିଯାଇଥାଏ । ପି.ପି.ଆର. ରୋଗରେ ନାକରୁ ପାଣି ବାହାରେ, ଛିଙ୍କ, କାଶ ଓ ଜ୍ୱର ହେବା ସହିତ ନ୍ୟୁମୋନିଆ ମଧ୍ୟ ହୋଇଥାଏ । ଏହି ଦୁଇଟି ରୋଗ ହେଲେ ଔଷଧ ପ୍ରାୟ କାମ କରୁ ନ ଥିବାରୁ ଟୀକାକରଣ ହିଁ ମୁଖ୍ୟ ରୋଗ ନିରାକରଣର ଉପାୟ । ବୁଷ୍ଟର ଟୀକା ମିଳୁଥିଲେ ଦେବା ନିହାତି ଦରକାର । ଫାଟୁଆ ରୋଗରେ ମୁହଁ ଓ ଗୋଡରେ ଘା’ ହୋଇଥାଏ । ସରକାରଙ୍କ ତରଫରୁ ଏହି ସବୁ ରୋଗର ଟୀକା ବହୁତ କମ୍ ଦାମରେ ମିଳିଥାଏ, କିନ୍ତୁ ଗାଁର ପ୍ରାୟ ସବୁ ଛେଳି ଓ ମେଣ୍ଢାମାନଙ୍କୁ ଟୀକା ଦେବା ଜରୁରୀ । ଟୀକାକରଣ ୧୫ ଦିନ ପୂର୍ବରୁ କୃମି ଔଷଧ ଦେଲେ ଟୀକା ଭଲ କାମ କରିଥାଏ । ସକାଳେ ଅଥବା ଅପରାହ୍ନ ୪ଟା ପରେ ଟୀକା ଦେଲେ ଭଲ । ଗର୍ଭଥିବା ତଥା ରୋଗୀଣା ପଶୁମାନଙ୍କୁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ କରି ଟୀକା ଦିଅନ୍ତୁ । ଚୂନ ୪ ଭାଗ ଓ ବ୍ଲିଚିଂ ପାଉଡର୍ ଗୋଟିଏ ଭାଗ ମିଶାଇ ପ୍ରତି ୧୫ ଦିନରେ ଥରେ ଗୁହାଳ ସଫା କଲେ ଜୀବାଣୁ ଓ କୃମି ନିୟନ୍ତ୍ରଣରେ ରହିଥାନ୍ତି । ରୋଗୀଣା ପଶୁକୁ ଅଲଗା ରଖିବା ସହିତ ଠିକ୍ ଭାବେ ଖାଇବାକୁ ଦେଲେ ସୁଫଳ ମିଳିଥାଏ ।




କୃଷି ବିଜ୍ଞାନ କେନ୍ଦ୍ର ବୈଷୟିକ ଇସ୍ତାହାର: ୨୧ (ଅକ୍ଟୋବର ୨୦୧୯)

ସଂପାଦନା: ଡା. ରଞ୍ଜନ କୁମାର ମହାନ୍ତ

ସହଯୋଗିତା: ବିଭୁତି ଭୂଷଣ ପଲାଇ, ସତ୍ୟ ରଞ୍ଜନ ରାଉତ ଓ ଅରବିନ୍ଦ ବିଶୋଇ

ପ୍ରକାଶକ: ଭାରପ୍ରାପ୍ତ ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ର କଟକ

ଭାକୃଅନୁପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ

E-mail: kvkcuttack@gmail.com | Website : www.kvkcuttackzpdvii.org

ମୁଦ୍ରଣ : ଭାଗବତ୍ ପ୍ରେସ୍, କଟକ


# ବୈଜ୍ଞାନିକ ଉପାୟରେ ଛେଳି ଓ ମେଣ୍ଢା ପାଳନ


ରଞ୍ଜନ କୁମାର ମହାନ୍ତ, ଦିଲ୍ଲୀପ ରଞ୍ଜନ ଷଡଙ୍ଗୀ,
ତୁଷାର ରଞ୍ଜନ ସାହୁ, ସୁଜାତା ସେଠୀ ଓ ଦେବାଶିଷ ଜେନା


ଛେଳି ଓ ମେଣ୍ଢା କୃଷକ ମାନଙ୍କ ପାଇଁ ATM ସଦୃଶ । ଦରକାର ସମୟରେ ବା ଅଭାବ ହେଲେ ସେମାନେ କିଛି ଛେଳି ବା ମେଣ୍ଢା ବିକ୍ରି କରି ନିଜର ଅଭାବ ମେଣ୍ଟାଇଥାନ୍ତି । ଏହାଛଡା ଛେଳି ଓ ମେଣ୍ଢା ପାଳନରେ ବହୁତ କମ୍ ଟଙ୍କା ନିବେଶ କରି ୬ ମାସରୁ ଗୋଟିଏ ବର୍ଷ ମଧ୍ୟରେ ଭଲ ଲାଭ ପାଇଥାନ୍ତି । ତାଙ୍କର ଘର ତଥା ଖାଦ୍ୟ ପାଇଁ ବହୁତ କମ୍ ଟଙ୍କା ଖର୍ଚ୍ଚ ହୋଇଥାଏ । ଏହା ଛଡା ସେମାନେ ଖାଦ୍ୟପାଇଁ ଗଛ ପତ୍ର ଓ ଘାସ ଉପରେ ନିର୍ଭର କରୁ ଥିବାରୁ ମନୁଷ୍ୟ ତଥା ଅନ୍ୟାନ୍ୟ ଗୃହପାଳିତ ପ୍ରାଣୀ ସହ ସିଧାସଳଖ ଖାଇବା ସାମଗ୍ରୀ ପାଇଁ ସଂଘର୍ଷ କରିନଥାନ୍ତି । ଗୋଟିଏ ଛୋଟ ପିଲା ମଧ୍ୟ ତାଙ୍କୁ ସହଜରେ ଜଗାରଖା କରିପାରେ ।

## ପ୍ରଜାତି

ଓଡିଶାରେ ବିଭିନ୍ନ ପ୍ରଜାତିର ଛେଳି ଓ ମେଣ୍ଢା ଦେଖା ଯାଇଥାନ୍ତି । ସେମାନଙ୍କ ମଧ୍ୟରୁ କେନ୍ଦ୍ରାପଡା ମେଣ୍ଢା ଓ ବ୍ଲାକ୍ ବେଙ୍ଗଲ ଛେଳି ଏକାଥରକୁ ଦୁଇ ବା ଅଧିକ ପିଲା ଜନ୍ମ କରୁଥିବାରୁ ଗାଁ ଗାଁ ରେ ଆଦୃତ । ଗଞ୍ଜାମ ଛେଳି ଓ ମେଣ୍ଢା ମଧ୍ୟ ଭଲ ବଢିଥାନ୍ତି । ଏହାଛଡା ଓଡିଶା ବାହାରୁ ସାନେନ୍, ଯମୁନାପାରୀ, ବିଟଲ୍ ଓ ସିରୋହୀ ଆଦି ଛେଳି ଆମ ରାଜ୍ୟରେ ଆଦୃତ ।



## ବୈଜ୍ଞାନିକ ପରିଚାଳନା

ପିଲା ଜନ୍ମ ହେଲା ପରେ ତାର ନାଭିକୁ ଆଲୋଡିନ୍ ଦ୍ରବଣରେ ବୁଡାଇବା ସଙ୍ଗେ ସଙ୍ଗେ ଦୁଇରୁ ଚାରି ଇଂଚ ପରେ ନୂଆ ବ୍ଲେଡରେ କାଟିଦେବା ଜରୁରୀ । ଯଥାଶୀଘ୍ର ଦେହ ଓ ମୁହଁ ପୋଛି ଦେଇ କଷକ୍ଷୀର ପିଆନ୍ତୁ । ଛେଳି ବା ମେଣ୍ଢା ଛୁଆକୁ ଜନ୍ମର ତିନି ମାସ ପରେ ମା’ ଠାରୁ ଅଲଗା ରଖାହୁଏ । ୧୨ ସପ୍ତାହ ହେବା ପୂର୍ବରୁ ଧରାଣ କରିବା ଦରକାର, ନହେଲେ ସେମାନଙ୍କର ବଢିବା ଧୀରେ ହୋଇଥାଏ ଏବଂ ତାଙ୍କ ଦେହରୁ ବୋଦାର ବାସ୍ନା ଆସିଥାଏ । ଖୁରା ଗୁଡିକୁ ପ୍ରତି ୬-୮ ସପ୍ତାହକୁ ଲକ୍ଷ୍ୟକରି ବଢିଥିବା ନଖକୁ କାଟିଦେବା ଦରକାର । ଛେଳି ଓ ମେଣ୍ଢାଙ୍କ



ଗର୍ଭଧାନ ସମୟ ୧୪୫-୧୫୫ ଦିନ ହୋଇଥିବାରୁ ବର୍ଷକୁ ଦୁଇଟି ବା ଦୁଇ ବର୍ଷରେ ତିନୋଟି ଥର ପିଲା ଜନ୍ମ କରିଥାନ୍ତି । ତେଣୁ ଆମେ ଦୁଇ ବର୍ଷରେ ୩-୫ ମେଣ୍ଢା ଓ ୬-୮ ଛେଳି ଛୁଆ ପାଇଥାଉ । ପ୍ରତି ୨-୩ ବର୍ଷରେ ବୋଦା ମାନଙ୍କୁ ଅତି କମ୍ ରେ ୪-୫ ଟି ଗାଁ ଛାଡି ଅଦଳ ବଦଳ କରିବା ଜରୁରୀ । ପ୍ରଜନନ ସମୟ ଆସିବା ପୂର୍ବରୁ ତାଙ୍କୁ ୫୦-୨୫୦ ଗ୍ରାମ୍ ଦାନା ଦେଲେ ଠିକ୍ ରେ ଗରମକୁ ଆସିବା ସହିତ ବହୁତ ଲାଭ ମିଳିଥାଏ । ଏହାକୁ ଫ୍ଲସିଙ୍ଗ କୁହାଯାଏ । ଛେଳି ମେଣ୍ଢା ଚିହ୍ନଟ ପାଇଁ ତାଙ୍କ ଦେହରେ ଟାଟୁ, ବ୍ରାଣ୍ଡିଂ ଅଥବା କାନରେ ବିଭିନ୍ନ ଆକାରର କାଟି ଅଥବା ବେକରେ ଚେନ୍ ପକାଇ ଚିହ୍ନଟ କରାଯାଏ ।

## ବାସଗୃହ



ଘରଟି ପୂର୍ବ ପଶ୍ଚିମ ଦିଗରେ ହେବା ଦରକାର । କମ୍ ଦାମିକା ଉପକରଣ ଯଥା ବାଉଁଶ, ନଡା ଓ କାଠ ବ୍ୟବହାର କରି ଘର ତିଆରି କରାଯାଇପାରେ । କାନ୍ଥକୁ ମାଟିରେ କିମ୍ବା ସିମେଣ୍ଟରେ କରିବା ଭଲ । ଏଥିରେ ଝରକା ଓ କବାଟ ଏପରି ଲଗାଇବା ଦରକାର ଯେପରିକି ପବନ ଏପଟୁ ସେପଟ ଯାଉଥିବ ତଥା ସୂର୍ଯ୍ୟ କିରଣ ଠିକ୍ ଭାବରେ ପଡି ପାରୁଥିବ । ଘରଟି ଉଚ୍ଚ ସ୍ଥାନରେ ତଥା ଅନାବାଦି ଜାଗାରେ ହେଲେ ଭଲ । ପାଣି ନଜମିବା ପାଇଁ ଆଖପାଖରେ ଖାଲ ଜାଗା ରଖନ୍ତୁ ନାହିଁ । ଚଟାଣରେ ମରମ୍ ପକାଇ ଅଥବା ସିମେଣ୍ଟରେ କରନ୍ତୁ ଯେପରିକି ପାଣି ରହିବ ନାହିଁ ଏବଂ ୧/୧୨ ଅନୁପାତରେ ଢାଲୁଆ କଲେ ପରିସ୍ରା ଜମା ହେବ ନାହିଁ, ତଥା ସହଜରେ ସଫା କରିହେବ । ଯଦି ଖୋଲାରେ ରଖିଛନ୍ତି ତେବେ ଗୋଟିଏ ସ୍ଥାନରେ ବାଉଁଶ ପୋତି ଛାଉଁଣି କରିଦିଅନ୍ତୁ ଯେପରିକି ରାତି, ଖରା, ବର୍ଷା ସମୟରେ ସେମାନେ ସେ ସ୍ଥାନରେ ରହି ପାରିବେ । ରୋଗିଣା ତଥା ଛୋଟ ଛୁଆ ମାନଙ୍କୁ ଅନ୍ୟ ଏକ ଗୁହାଳରେ ରଖନ୍ତୁ । ଗୁହାଳ ଓ ଆଖପାଖକୁ ସଫା ରଖନ୍ତୁ । ଗୁହାଳଠାରୁ ଦୂରରେ ପରିସ୍ରା ଓ ଝାଡା ପକାନ୍ତୁ ।

## ଖାଦ୍ୟ




ଜନ୍ମ ହେବା ପରେ ପରେ କଷ କ୍ଷୀର ପର୍ଯ୍ୟାପ୍ତ ପରିମାଣରେ ପିଆନ୍ତୁ, ପରେ ମା କ୍ଷୀର ଦିଅନ୍ତୁ । ପାଖା ପାଖି ୧୫ ଦିନ ପରେ ଛୁଆଟି ଧିରେ ଧିରେ ନଡା ଓ ଘାସ ଚୋବାଇବା ଆରମ୍ଭ କରେ । ତେଣୁ କିଛି ନଡା, ଘାସ ଅଥବା ପତ୍ର ତା ପାଖରେ ପକାନ୍ତୁ । ଗୋଟିଏ ମାସ ହୋଇଗଲେ ଛୁଆ ମାନଙ୍କୁ ୩ ମାସ ପର୍ଯ୍ୟନ୍ତ ୨୨% ପ୍ରୋଟିନ୍ ଥିବା ଦାନା ଦେଲେ ଛେଳି ଓ ମେଣ୍ଢା ମାନେ ଶିଘ୍ର ବଢିଥାନ୍ତି । କାରଣ ଏହି ସମୟରେ ତାଙ୍କ ପାକସ୍ଥଳି ଆମ ଭଳି ଥାଏ ଓ ସେମାନେ ଯାହା ଖାଇଲେ ହଜମ କରି ଦେହରେ ଲଗାଇଥାନ୍ତି । କିନ୍ତୁ ୩-୪ ମାସ ବେଳକୁ ତାଙ୍କ ପେଟରେ ୪ ଟି ଭାଗ ବିଶିଷ୍ଟ ପାକସ୍ଥଳି ସକ୍ରିୟ ହୋଇଥାଏ । ସେତେବେଳେ ଛେଳି ଯାହା



ଖାଏ, ତାର ପ୍ରଥମ ପେଟରେ ଥିବା ଅଣୁଜୀବ ଖାଇ ପ୍ରଥମେ ବଢିଥାନ୍ତି, ତାପରେ ଛେଳିର ଚତୁର୍ଥ ପେଟ ହିଁ ତାଙ୍କୁ ଖାଇଥାଏ । ତେଣୁ ତାଙ୍କୁ ପର୍ଯ୍ୟାପ୍ତ ପରିମାଣରେ ପତ୍ର ଦିଅନ୍ତୁ । ଦିନକୁ ୫୦-୨୫୦ ଗ୍ରାମ୍ ଦାନା ଦେଲେ ଛେଳି ମାନେ ଭଲଭାବେ ବଢିଥାନ୍ତି । ଶୁଖିଲା ଘାସ ଓ ନଡାକୁ ରାତିରେ ତଥା ବର୍ଷା ଦିନରେ ଦେଲେ ଭଲ । ଗର୍ଭର ଶେଷ ଦେଢ ମାସ ପିଲାଟି ସବୁଠୁ ଅଧିକ ବଢିଥାଏ, ତେଣୁ ଏହି ସମୟରେ ଶକ୍ତି ଦାୟକ ଓ ପୁଷ୍ଟିସାର ଯୁକ୍ତ ଖାଦ୍ୟର ଆବଶ୍ୟକ ହୋଇଥାଏ । ନହେଲେ ମାଈ ମେଣ୍ଢାକୁ କିଟୋସିସ୍ ହେବାର ସମ୍ଭାବନା ଥାଏ । ପ୍ରଜନନ ପୂର୍ବରୁ, ଗର୍ଭର ଅନ୍ତିମ ଦେଢ ମାସ ଓ କ୍ଷୀର ଦେବା ସମୟରେ ୫୦-୨୫୦ ଗ୍ରାମ୍ ଦାନା, ୫-୧୫ ଗ୍ରାମ୍ ମିନେରାଲ ମିକ୍ସର ଓ ଲୁଣ ଦେଲେ ପିଲା ଭଲ ବଢିଥାଏ, ମା' ଭଲ କ୍ଷୀର ଦେଇଥାଏ ଓ ଶୀଘ୍ର ପ୍ରଜନନ କ୍ଷମ ହୋଇଥାଏ । ତେଣୁ ପୋଖରି ଓ ବିଲ ହୁଡାରେ ଛେଳିଙ୍କ ଖାଦ୍ୟ ଉପଯୋଗୀ ଗଛ ଲଗାଇବା ନିହାତି ଜରୁରୀ ।

## କୃମି ଓ ରୋଗ ନିରାକରଣ

ଉଭୟ ଅନ୍ତଃ କୃମି ଓ ବାହ୍ୟ କୃମି ଛେଳି/ ମେଣ୍ଢାର ଖାଦ୍ୟରୁ ଖାଇଯିବା ସହିତ ରକ୍ତହୀନତା ତଥା ବିଭିନ୍ନ ରୋଗ ମଧ୍ୟ କରାଇଥାନ୍ତି ତଥା ଧିରେ ଧିରେ ବଢିଥାନ୍ତି । ତେଣୁ ପ୍ରତି ୩-୪ ମାସ ବ୍ୟବଧାନରେ କୃମିରୋଗର ଔଷଧ ଦେବା ସହିତ ଖରା ଟାଣ ନ ହେବା ପର୍ଯ୍ୟନ୍ତ ଚରିବାକୁ ଛାଡନ୍ତୁ ନାହିଁ ।



ଛେଳି ଓ ମେଣ୍ଢାମାନଙ୍କୁ ସାଧାରଣତଃ ଏଣ୍ଟେରୋଟୋକ୍ସେମିଆ, ପି.ପି.ଆର., ଫାଟୁଆ, ବସନ୍ତ ତଥା ଛୁଆମାନଙ୍କର ତରଳ ଝାଡା ରୋଗ ଅଧିକ ହୋଇଥାଏ । ଏଣ୍ଟେରୋଟୋକ୍ସେମିଆ